# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

ସମିତି ସର୍କୁଲାର ନଂ. . ୧୫..... ତା.୦୨.୦୬.୨୦୧୭

ଏତତ୍ ଦ୍ୱାରା ସମସ୍ତ Data Processor & Milk Collection Unit ସ୍ଥାପନ କରାଯାଇଥିବା ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, DPMCU କୁ ନିୟମିତ ପରୀକ୍ଷା ପରେ ସଫା ଏବଂ ପୋଛାପୋଛି ନ କରୁଥିବା ଯୋଗୁଁ ଏହା ନିୟମିତ ବ୍ୟବଧାନରେ ଖରାପ ହେଉଅଛି । ସେଥିପାଇଁ ସମିତିମାନେ ଚାଷୀମାନଙ୍କୁ ସଂଘ ଯୋଗାଇଥିବା ଯନ୍ତ୍ର ଖରାପ ବୋଲି ଧାରଣା ଦେଉଛନ୍ତି । ଯଦ୍ୱାରା ସଂଘ କର୍ମକର୍ତ୍ତାମାନେ ଚାଷୀମାନଙ୍କ ଆକ୍ରୋଶର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ମଧ୍ୟ ସମିତିକୁ ବାରମ୍ବାର ସାର୍ଭିସ୍ ଇଂଜିନିୟର୍ ପଠାଇବାରେ ବିଳମ୍ବ ହେଉଅଛି ।

ଏଣୁ ସମସ୍ତ ସମିତିମାନେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ ।

୧. ସକାଳ ଓ ସନ୍ଧ୍ୟା ଓଳି ଦୁଗ୍ଧ ପରୀକ୍ଷା ସମୟରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଇନ୍‌ଭର୍ଟର (Inverter) ମାଧ୍ୟମରେ ଚାଷୀମାନଙ୍କ ଦୁଗ୍ଧ ପରୀକ୍ଷା କରିବେ ଏବଂ ପରୀକ୍ଷା ପରେ ତୁରନ୍ତ ଇନ୍‌ଭର୍ଟର ର ବ୍ୟାଟେରୀକୁ ବିଦ୍ୟୁତ୍ ସଂଯୋଗ କରି ଚାର୍ଜ ରେ ବସାଇବେ ।

୨. REIL ଏବଂ NETCO ମେସିନ୍ ପାଇଁ ୧୦୦ ମି.ଲି. Daily Cleaner ଏବଂ Weekly Cleaner କୁ ୫ ଲିଟର ଲେଖା ଜାର୍ ରେ ଘାଣ୍ଟି ରଖିବେ ଏବଂ ଦୁଗ୍ଧ ସଂଗ୍ରହ ପୂର୍ବରୁ ଏବଂ ପରେ ଚାରିଥର ନିୟମିତ ଭାବରେ ସଫା କରିବେ । କୌଣସି ପରିସ୍ଥିତିରେ ଦୁଗ୍ଧ ଯିବା ପାଇପ୍ ରେ ଦୁଗ୍ଧ ଲାଗିଥିବା କଥା ନୁହଁ ।

୩. DPMCU ର ସମସ୍ତ ଯନ୍ତ୍ରପାତିକୁ ସବୁଦିନ ସଫା କନାରେ ପୋଛି ରଖିବେ ।

ଏହାକୁ ସମସ୍ତେ କଡ଼ାକଡ଼ି ଭାବରେ ପାଳନ କରିବାକୁ ଅନୁରୋଧ ।

ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ ନଂ..୨୨୪ ତା.୦୨.୦୬.୨୦୧୭

ନକଲ ପାଇବେ -୧. ୧୨୦ଗୋଟି DPMCU ସ୍ଥାପନ କରାଯାଇଥିବା ସମିତି ।

୨. ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା/ଅଂଚଳ ଭାରପ୍ରାପ୍ତ ଅଧିକାରୀ/ ଡେପୁଟୀ ମ୍ୟାନେଜର ...ଏହାକୁ ସମିତିକୁ ଗସ୍ତ ସମୟରେ ତଦାରଖ କରିବାକୁ ଅନୁରୋଧ ।

ସାଧାରଣ ପରିଚାଳକ